# Akashvani, Sambalpur

## SAMBALPURI NEWS BULLETIN

### 8 July 2024- 6.47- 6.52 am.

*********************************************

ରଥଯାତ୍ରା ଆର୍‌ଏନ୍‌ୟୁ ସମ୍ବଲପୁର୍

ଶ୍ରୀକ୍ଷେତ୍ର ପୁରୀ ନ ମହାପୁରୁମାନ୍‌କର୍ ତିନ୍‌ହି ରଥ ବଡ଼ଦାଣ୍ଡର ଭିନ୍ ଭିନ୍ ଜାଗା ନ ଅଟ୍‌କି ରହିଛେ । ଆଏଜ୍ ସଖାଲ୍‌ବେଲା ସାଢ଼େ ୮ ବଜେନୁ ରଥଘିଚା ଫେର୍ ମୁଲ୍ ହେବା । ପହେଲା ବଳଭଦ୍ରଙ୍କର୍ ତାଳଧ୍ୱଜ ରଥ ଘିଚା ହେବାର୍ ଉତ୍‌ରୁ ସୁଭଦ୍ରା ଆର୍ ମାହାପୁରୁ ଶ୍ରୀଜଗନ୍ନାଥଙ୍କର୍ ନନ୍ଦିଘୋଷ ରଥ ଘିଚା ହେବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ମିଲିଛେ । ଇ ବଛର୍ ଦିନେକେ ନବଯୌବନ ଦର୍ଶନ୍, ନେତ୍ରୋତ୍ସବ୍ ଆର୍ ଶ୍ରୀଗୁଣ୍ଡିଚା ଯାତ୍ରା ହେଇଥିବାର୍‌ନୁ ଗଲାକାଏଲ୍ ମାହାପୁରୁଙ୍କର୍ ନୀତି ବିଳମ୍ବ ହେଇଥିଲା । ନୀତି ବିଳମ୍ବ ହେବାର୍‌ନୁ ଉପର୍‌ବେଲା ୫ ବଜେ ରଥଘିଚା ମୁଲ୍ ହେଇଥିଲା । ଆଏଜ୍ ଉପର୍‌ବେଲାତକ୍ ତିନ୍‌ହି ରଥ ଗୁଣ୍ଡିଚା ମନ୍ଦିର୍ ପାଖେ ପୁହୁଁଚିବେ । ଇତାର୍‌ଉତ୍‌ରୁ ଆଏବା

କାଏଲ୍ ମାହାପୁରୁମାନ୍‌କର୍ ଆଡ଼ପ ମଣ୍ଡପ ବିଜେ ହେବାର୍ କାର୍ଯ୍ୟସୂଚୀ ରହିଛେ ।

ଭଟ୍‌ଲି ରଥ୍‌ଯାତ୍ରା ବର୍‌ଗଡ୍ ସମ୍ବାଦଦାତା

ପଶ୍ଚିମ ଓଡ଼ିଶାର୍ ଶ୍ରୀକ୍ଷେତ୍ର କୁହାଯାଉଥିବା ଭଟ୍‌ଲି ଠାନେ ପ୍ରସିଦ୍ଧ ରଥଯାତ୍ରା ଗଲାକାଏଲ୍ ପାଲିତ୍ ହେଇଯାଇଛେ । ଶ୍ରୀଦଧିବାମନଙ୍କୁ ଦର୍ଶନ୍ କଲେ ମୋକ୍ଷ ପ୍ରାପ୍ତି ହେସି ବଲି ବିଶ୍ୱାସ୍ ଥିବାର୍‌ନୁ ପଶ୍ଚିମ ଓଡ଼ିଶା ଆର୍ ଛତିଶ୍‌ଗଡ୍‌ର ବହୁତ୍‌ଟେ ଭକ୍ତଙ୍କର୍ ରଥଯାତ୍ରା ଦେଖ୍‌ବାର୍ ଲାଗି ଭିଡ୍ ହେଇଥିଲା । ଗଲାକାଏଲ୍ ରାତି ୯ ବଜେ ରଥ ମାଉସୀମା ମନ୍ଦିର୍‌କେ ପୁହୁଁଚିଥିଲା । ସେନେ ସନ୍ଧ୍ୟାଧୂପ ଉତ୍‌ରୁ ଦଧିବାମନଙ୍କର୍ ପହଡ଼ ନୀତି ହେଇଥିଲା । ଆଏଜ୍ ସବୁ ନୀତି ଉତ୍‌ରୁ ପ୍ରଭୁ ଦଧିବାମନ୍ ମାଉସୀମା ମନ୍ଦିର୍‌କେ ବିଜେ କର୍‌ବେ । ଇଠାନେ ଦଧିବାମନ୍ ମାହାପୁରୁ ୭ ଦିନ୍‌ତକ୍ ରହେବେ ।

ରାଷ୍ଟ୍ରପତି- ଓଡ଼ିଶାଗସ୍ତ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କର୍ ଓଡ଼ିଶା ଗସ୍ତର୍ ୩ ନମ୍ବର୍ ଦିନେ ଆଏଜ୍ ଖଣ୍ଡିଗରି ଆଉ ଉଦୟଗିରି ଗୁମ୍ଫା ପରିଦର୍ଶନ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ । ଇତାର୍‌ସହେତେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ବିଭୂତି କାନୁନ୍‌ଗୋ କଲା ଆଉ ହସ୍ତଶିଳ୍ପ ମହାବିଦ୍ୟାଳୟ ଆର୍ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଯାଇକରି ଛାତ୍ରଛାତ୍ରୀମାନ୍‌କର୍ ସାଙ୍ଗେ ମତ ବିନିମୟ କର୍‌ବେ । ସେନ୍ତା ରାଷ୍ଟ୍ରପ୍ରତି ଭୁବ୍‌ନେଶ୍ୱର୍ ପାଖର୍ ହରିଡ଼ାମଡ଼ା ଗାଁ ନ ବ୍ରହ୍ମକୁମାରୀ ଅନୁଷ୍ଠାନ୍ ତର୍‌ଫୁ ତିଆର୍ ହେଇଥିବା ଦିବ୍ୟ ରିଟ୍ରିଟ୍ କେନ୍ଦ୍ରକେ ଉଦ୍‌ଘାଟନ୍ କର୍‌ବାର୍ ସହେତେ ଲାଇଫ୍ ଷ୍ଟାଇଲ୍ ଫର୍ ସଷ୍ଟେନବିଲିଟି ଅଭିଯାନ୍‌ର ଶୁଭାରମ୍ଭ କର୍‌ବେ । ଆଏବାକାଏଲ୍ ଓଡ଼ିଶାଗସ୍ତର୍ ଶେଷ୍ ଦିନେ ରାଷ୍ଟ୍ରପତି ଭୁବ୍‌ନେଶ୍ୱର୍‌ର ନାଇଜର୍‌ର ୧୩ ନମ୍ବର୍ ସ୍ନାତକ ସମାରୋହଥି ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ଏମ୍‌ବିବିଏସ୍          ଆର୍‌ଏନ୍‌ୟୁ / ସମ୍ବଲପୁର

୨୦୨୪-୨୫ ଶିକ୍ଷା ବଛରେ ଯାଜ୍‌ପୁର୍ ମେଡ଼ିକାଲ୍ କଲେଜ୍ ନ ୫୦ ଟା ଏମ୍‌ବିବିଏସ୍ ସିଟ୍ ଆର୍ ଭବାନୀପାଟ୍‌ନା ସର୍‌କାରୀ ମେଡ଼ିକାଲ୍ କଲେଜ୍ ନ ଶହେ ଟା ଏମ୍‌ବିବିଏସ୍ ସିଟ୍‌ଥି ନାଁଲେଖାବାର୍ ଲାଗି ଜାତୀୟ ଭେଷଜ ଆୟୋଗ - ଏନ୍‌ଏମ୍‌ସି

ଅନୁମତି ଦେଇଛେ । ଇ ବାବ୍‌ଦେ ଏନ୍‌ଏମ୍‌ସି ତର୍‌ଫୁ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ଇ ଦୁହି ମେଡ଼ିକାଲ୍ କଲେଜ୍‌ଥି ଦେଢ଼ ଶହ ଏମ୍‌ବିବିଏସ୍ ସିଟ୍ ବଢ଼୍‌ବାର୍ ଉତ୍‌ରୁ ରାଏଜେ ଘରୋଇ ଆର୍ ସର୍‌କାରୀ ମେଡ଼ିକାଲ୍ କଲେଜ୍‌ଥି ଏମ୍‌ବିବିଏସ୍ ସିଟ୍ ସଂଖ୍ୟା ୨ ହଜାର୍ ୫ ଶହ ୨୫ କେ ବଢ଼ିଛେ ।

ଛୁଟି ଆର୍‌ଏନ୍‌ୟୁ /ସମ୍ବଲପୁର

ଇ ବଛର୍ ମାହାପୁରୁଙ୍କର୍ ଗୁଣ୍ଡିଚା ଯାତ୍ରା ଲାଗି ରାଜ୍ୟ ସର୍‌କାର୍ ୨ ଦିନ୍ ଛୁଟି ଘୋଷ୍‌ନା କରିଛନ୍ । ହେଥିର୍‌ଲାଗି ଆଏଜ୍ ରାଜ୍ୟର୍ ସବୁ ସର୍‌କାରୀ ଆର୍ ଘରୋଇ ସ୍କୁଲ୍ ଆର୍ କଲେଜ୍ ବନ୍ଦ୍ ରହେବା । ଇ ବାବ୍‌ଦେ ଉଛଶିକ୍ଷା ବିଭାଗ୍ ତର୍‌ଫୁ ସୂଚ୍‌ନା ମିଲିଛେ । ସେନ୍ତା ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ଭିଲ୍ ଆଏଜ୍ ନାଇଁ ହୁଏ ଜନାପଡ଼ିଛେ ।

ବୈଷୟିକ ଶିକ୍ଷାନୁଷ୍ଠାନ୍ ନାଁଲେଖା ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟର୍ ସର୍କାରୀ ଆର୍ ଘରୋଇ ବୈଷୟିକ ଶିକ୍ଷାନୁଷ୍ଠାନ୍‌ର ଭିନ୍ ଭିନ୍ ପାଠ୍ୟକ୍ରମ୍‌ଥି ନାଁଲେଖା ଲାଗି ଆଏଜ୍‌ନୁ କାଉନ୍‌ସେଲିଂ ପ୍ରକ୍ରିୟା ମୁଳ୍ ହେବା । ଇ ବାବ୍‌ଦେ ସବୁ ସୂଚ୍‌ନା ଓଜେଇଇ ୱେବ୍‌ସାଇଟ୍ www.ojee.nic.in ଥି ମିଲିପାରୁଛେ ।

ସୁପ୍ରିମ୍‌କୋର୍ଟ ଖୁଲ୍‌ବା ଆର୍‌ଏନ୍‌ୟୁ / ସମ୍ବଲପୁର

ଖରାଛୁଟି ଉତ୍‌ରୁ ସୁପ୍ରିମ୍‌କୋର୍ଟ ଆଏଜ୍‌ଠାନୁ ଖୁଲୁଛେ । ସୁପ୍ରିମ୍‌କୋର୍ଟ ଖୁଲ୍‌ବାର୍ ଉତ୍‌ରୁ ଗୁରୁତ୍ୱପୂର୍ଣ୍ଣ ମାମ୍‌ଲାର୍ ବିଚାର୍ ଆର୍ ଶୁଣାଣି କରାଯିବା ବଲି ସୂଚ୍‌ନା ମିଲିଛେ ।

ଯୁକ୍ତ ୩ - ପାଠ୍‌ପଢ଼ା ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏବା ମାସ ୧ ତାରିଖ୍‌ନୁ ଯୁକ୍ତ ୩ ପହେଲା ବଛର୍ ଛାତ୍ରଛାତ୍ରୀମାନ୍‌କର୍ ପାଠ୍‌ପଢ଼ା ମୁଳ୍ ହେବା । ୨୦୨୪-୨୫ ଶିକ୍ଷା ବଛ୍‌ରେ ୧ ହଜାର୍ ୫୬ ଟା ଉଚ୍ଚ ଶିକ୍ଷାନୁଷ୍ଠାନ୍‌ଥି ୨ ଲାଖ୍ ୭୪ ହଜାର୍ ଶହେ ୫୧ ଟା ସିଟ୍ ରହିଛେ । ପହେଲା ଖେପେ ୧ ଲାଖ୍ ୭୮ ହଜାର୍ ୯ ଶହ ୭୬ ଝନ୍ ଛାତ୍ରଛାତ୍ରୀଙ୍କୁ ବଛାଯାଇଥିବାର୍ ବେଲେ ୯୨ ହଜାର୍ ୨ ଶହ ୪୨ ଝନ୍ ନାଁ

ଲେଖେଇଛନ୍ । ୧ ଲାଖ୍ ୮୧ ହଜାର୍ ୯ ଶହ ୯ ଟା ସିଟ୍‌ଥି ନାଁ ଲେଖା ପ୍ରକ୍ରିୟା ମୁଲ୍ ହେଇଛେ ।

ସମ୍ପୂର୍ଣ୍ଣତା ଅଭିଯାନ        ହିନ୍ଦୁସ୍ଥାନ୍ ସମାଚାର୍

ବର୍‌ଗଡ୍ ଜିଲ୍ଲା ପାଇକମାଲ୍ ନ ସାଂସଦ୍ ପ୍ରଦୀପ୍ ପୁରୋହିତ୍ ବ୍ଲକ୍‌ସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ୍‌ର ମୁଲ୍ କରିଛନ୍ । ଇ ଅବ୍‌ସରେ ସେ ବିକଶିତ୍ ଭାରତ୍ ଲକ୍ଷ୍ୟ ପୂରଣ୍ କର୍‌ବାର୍‌କେ ଗରିବ୍ ଲୋକ୍, ଚାଷୀ, ନାରୀଶକ୍ତି ଆର୍ ଯୁଆନ୍ ମାନ୍‌କର୍ ଯତନ୍ ନେବାର୍‌କେ ପ୍ରଶାସନିକ୍ ଅଧିକାରୀମାନ୍‌କୁ ପରାମର୍ଶ ଦେଇଥିଲେ ।

ଜିଏମ୍‌ୟୁ- ପ୍ରତିଷ୍ଠା ଦିବସ୍        ସମ୍ବଲପୁର ସମ୍ବାଦଦାତା

ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟର୍ ୮୦ ନମ୍ବର୍ ପ୍ରତିଷ୍ଠା ଦିବସ୍ ଗଲାକାଏଲ୍ ପାଲିତ୍ ହେଇଯାଇଛେ । ବିଶ୍ୱବିଦ୍ୟାଳୟର୍ କୁଳପତି ପ୍ରଫେସର୍ ଏନ୍.ନାଗାରାଜୁଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ଜବାହାର୍‌ଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟର୍ କୁଳପତି ପ୍ରଫେସର୍ ଶାନ୍ତିଶ୍ରୀ ଧୂଳିପୁଡ଼ି ପଣ୍ଡିତ ଆର୍ ବ୍ରହ୍ମପୁର୍ ବିଶ୍ୱବିଦ୍ୟାଳୟର୍ କୁଳପତି ପ୍ରଫେସର୍ ଗୀତାଞ୍ଜଳି ଦାସ ଅତିଥି

ଭାବେ ଯୋଗ୍ ଦେଇଥିଲେ । ବିଶ୍ୱବିଦ୍ୟାଳୟର୍ ଉନ୍ନତି ଲାଗି ଛାତ୍ରଛାତ୍ରୀ, ଶିକ୍ଷକ୍ ଆର୍ ଆଘର୍ ଛାତ୍ରଛାତ୍ରୀମାନ୍‌କର୍ ଭୂମିକା ଗୁରୁତ୍ୱପୂର୍ଣ୍ଣ ବଲି ଅତିଥିମାନେ ତାଙ୍କର୍ ବକ୍ତବ୍ୟଥି କହିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ /ସମ୍ବଲପୁର

ସାରା ରାଏଜେ ଏଛେନ୍ ଦକ୍ଷିଣ ପର୍ଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛେ । ଇତାର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ ବର୍ଷା ହେଇଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ଦକ୍ଷିଣ ଓଡ଼ିଶାର୍ କେତେଟା ଇଲାକା ନ ଘଡ଼୍‌ଘଡ଼ି ସାଙ୍ଗେ ବର୍ଷା ହେବାର୍ ସମ୍ଭାବନା ରହିଛେ । ଇତାର୍ ସହେତେ ଉତର୍ ଓଡ଼ିଶାର୍ କେତେଟା ଜିଲ୍ଲା ନ ବର୍ଷା ହେବାର୍ ସମ୍ଭାବନା ଥିବାର୍ ପାଣିପାଗ୍ ବିଭାଗ୍ ତର୍‌ଫୁ ଅନୁମାନ୍ କରାଯାଇଛେ ।